# Akashvani, Sambalpur

## SAMBALPURI NEWS BULLETIN

### 29 June 2024- 6.47- 6.52 am.

*********************************************

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ୩ ନମ୍ବର୍ ଥର୍ ପ୍ରଧାନ୍‌ମନ୍ତ୍ରୀ ହେଲା ଉତ୍‌ରୁ ଇଟା ଶ୍ରୀ ମୋଦୀଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ- କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଆର୍ଏନ୍ୟୁ /ସମ୍ବଲପୁର

ନୂଆଦିଲ୍ଲୀ ଗସ୍ତ ନ ଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଗଲାକାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ଆର୍ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଛନ୍ ।
ଇତାର୍‌ସଙ୍ଗେ ମୁଖ୍ୟମନ୍ତ୍ରୀ ଆଉ ଦୁହି ଉପମୁଖ୍ୟମନ୍ତ୍ରୀ କେନ୍ଦ୍ର ବାଣିଜ୍ୟ ଆଉ ଶିଳ୍ପମନ୍ତ୍ରୀ ପିୟୁସ୍ ଗୋୟେଲ୍, ଜନଜାତି ବ୍ୟାପାର୍‌ମନ୍ତ୍ରୀ ଜୁଏଲ୍ ଓରାମ୍, ସଂସ୍କୃତି ଆଉ ପର୍ଯ୍ୟଟନମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ୍, ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆର୍ ପରିବେଶ୍ ଜଙ୍ଗଲ୍ ଆଉ ଜଳବାୟୁ ପରିବର୍ତନ୍ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ୍‌ଙ୍କୁ ଭିଲ୍ ଭେଟିକରି ଓଡ଼ିଶାର୍ ବିକାଶ୍ ବାବ୍‌ଦେ ଆଲୋଚନା କରିଛନ୍ । ସେମାନେ ଲୋକ୍‌ସଭାର୍ ବାଚସ୍ପତି ଓମ୍ ବିର୍ଲା ଆର୍ ବିଜେପିର୍ ସାଧାରଣ୍ ସମ୍ପାଦକ୍ ବି.ଏଲ୍ ସନ୍ତୋଷଙ୍କୁ ଭିଲ୍ ଭେଟିଥିଲେ । ଇ କେନ୍ଦ୍ରୀୟ ନେତାମାନ୍‌କର୍ ସାଙ୍ଗେ ଓଡ଼ିଶାର୍ ବିକାଶ ଲାଗି ଆଗ୍‌କେ ଯୋଜ୍‌ନା ବାବ୍‌ଦେ ଆଲୋଚନା କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଗଣମାଧ୍ୟମ୍‌କେ କହିଛନ୍ ।

ଭିମ୍‌ସାର୍- ସ୍ୱାସ୍ଥ୍ୟମନ୍ତ୍ରୀ          ଆର୍‌ଏନ୍‌ୟୁ /ସମ୍ବଲପୁର

ଅନୁଗୁଲ୍ ନ ଆଖି ଅପ୍‌ରେସନ୍‌ର ତ୍ରୁଟି ଲାଗି ବୁର୍ଲା ଭିମ୍‌ସାର୍ ନ ଚିକିତ୍ସିତ୍ ହେଉଥିବା ରୋଗୀମାନ୍‌କର୍ ସବୁ ଚିକିତ୍ସା ଖର୍ଚ୍ଚା ରାଜ୍ୟ ସର୍‌କାର୍ ଉଠାବେ ବଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଗଲାକାଏଲ୍ ଭିମ୍‌ସାର୍‌ର ଚକ୍ଷୁ ୱାର୍ଡ଼୍‌ଥି ରୋଗୀମାନ୍‌କୁ ଭେଟିକରି ସେମାନ୍‌କର୍ ଉତମ୍ ଚିକିତ୍ସା ବାବ୍‌ଦେ ମନ୍ତ୍ରୀ ଆଶ୍ୱାସନା ଦେଇଥିଲେ । ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ଭିମ୍‌ସାର୍‌ର ଜରୁରୀକାଲୀନ ଅପରେସନ୍ ଥିଏଟର୍ ଆର୍ ଆଶୁ ଚିକିତ୍ସା ବିଭାଗ୍ ବୁଲିକରି ରୋଗୀମାନ୍‌କୁ ମିଲୁଥିବା ସେବା ବାବ୍‌ଦେ ଡାକ୍ତର୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ । ମନ୍ତ୍ରୀଙ୍କର୍ ସାଙ୍ଗେ ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଭିଲ୍ ଥିଲେ ।

ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ     ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏବା ୨୦୨୭ ମସିହାତକ୍ ସମ୍ବଲ୍‌ପୁର୍, ରାଉର୍‌କେଲା, ଧାମ୍‌ରା, ପାରାଦ୍ୱୀପ୍ ଆର୍ ବାଲେଶ୍ୱର୍ ନ ଶିଳ୍ପ କରିଡ଼ର୍ କାମ୍

ପୁରା ହେଇଯିବା ବଲି ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ସି.ଆଇ.ଆଇ. ର ଗୁଟେ ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ଯେ, ଦେଶ୍ ଭିତ୍‌ରୁ ଅଢ଼େଇ ଲାଖ୍ କୋଟି ପୁଞ୍ଜିନିବେଶ୍ ସଙ୍ଗେ ୨ ନିୟୁତ ଡଲାର୍‌ର ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜିନିବେଶ୍ ଆନ୍‌ବାର୍‌କେ ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଇତାର୍‌ସଙ୍ଗେ ରାଜ୍ୟ ସର୍‌କାର୍‌ଙ୍କର୍ ନିବେଶ୍ ସମ୍ମିଲନୀର୍ ନୂଆଁ ନାଁ ଉତ୍କଳ ନିବେଶ୍ ସମିଟ୍ ହେବା ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚ୍‌ନା ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ନ ପୁଞ୍ଜିନିବେଶ୍ ଲାଗି ଆଘର୍ ସର୍‌କାର୍ ଦେଶ୍ ବିଦେଶ୍‌ର ଶିଳ୍ପପତିମାନ୍‌କୁ ଆକର୍ଷିତ୍ କର୍‌ବାର୍‌କେ ୨୦୧୬ ମସିହା ନୁ ଫି' ଦୁଇ ବଚ୍ଛ୍‌ରେ ମେକ୍ ଇନ୍ ଓଡ଼ିଶା ସମ୍ମିଲନୀ ଆୟୋଜନ୍ କରିଥିଲେ ।

## ନୂଆଁ ଅପରାଧିକ୍ ଆଇନ କର୍ମଶାଳା-ପି.ଆଇ.ବି.

ଆର୍‌ଏନ୍‌ୟୁ/କଟକ୍

ଭୁବ୍‌ନେଶ୍ୱର୍ ନ ଥିବା ପତ୍ର ସୂଚନା କାର୍ଯ୍ୟାଲୟ- ପି.ଆଇ.ବି. ତର୍‌ଫୁ ନୂଆଁ ଅପରାଧିକ୍ ଆଇନ୍ ବାବଦ୍ କର୍ମଶାଳା ହେଇଯାଇଛେ । ହେଥି ରାଜ୍ୟ ଅଗ୍ନିଶମ ମହାନିର୍ଦ୍ଦେଶକ ସୁଧାଂଶୁ

ଷଡ଼ଙ୍ଗୀ ଯୋଗ୍ ଦେଇକରି ମାନବ ଅଧିକାର୍ ସୁରକ୍ଷା ଦିଗେ ଗଣମାଧ୍ୟମ୍‌ର ଭୂମିକା ଉପ୍‌ରେ ଜୋର୍ ଦେଇଥିଲେ । ସେ କହିଥିଲେ ଯେ, ମହିଳା ଆଉ ଶିଶୁ ସୁରକ୍ଷା ଆର୍ ମାନବ ଚାଲାଣ୍ ବାଗିର୍ ଅପରାଧ୍ ଲାଗି ଆଇନ୍‌ଥି ପିଡ଼ିତଙ୍କୁ ସୁରକ୍ଷା ଦିଆଯିବାର୍ ସଙ୍ଗେ ଦୋଷୀମାନ୍‌କୁ ଦଣ୍ଡ ଦେବାର୍‌କେ ବ୍ୟବସ୍ଥା କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଦେଶେ ଆଏବା ମାସର୍ ୧ ତାରିଖ୍ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଆର୍ ଭାରତୀୟ ସାକ୍ଷ୍ୟ ଅଧିନିୟମ୍ ଲାଗୁ ହେବାର୍‌କେ ଯାଉଛେ ।

## ଓଡ଼ିଶା ଆଦର୍ଶ ବିଦ୍ୟାଲୟ ୧୧ କ୍ଲାସ୍‌ଥି ନାଁଲେଖା

ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ଆଦର୍ଶ ବିଦ୍ୟାଲୟ ମାନ୍‌କୁ ୧୧ କ୍ଲାସ୍‌ଥି ନାଁଲେଖା ପ୍ରକ୍ରିୟା ମୁଲ୍ ହେଇଛେ । ଆଏବା ମାସର୍ ୧୨ ତାରିଖ୍‌ତକ୍ ନାଁଲେଖାର୍ ଲାଗି ଦର୍‌ଖାସ୍ତ କରାଯାଇପାର୍‌ବା ବଲି ଓଡ଼ିଶା ଆଦର୍ଶ ବିଦ୍ୟାଲୟ ସଂଗଠନ୍ ତର୍‌ଫୁ ଜାରି ବିଜ୍ଞପ୍ତିଥି କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ଜୁଲାଇ ୧୫ ତାରିଖ୍ ଦିନ ନାଁଲେଖାର୍ ଲାଗି ମନୋନୀତ ଛାତ୍ରଛାତ୍ରୀମାନ୍‌କର୍ ତାଲିକା

ବାହାର୍‌ବା । ୧୬ ନୁ ୨୧ ତାରିଖ୍‌ତକ୍ ନାଁଲେଖା ହେବା । ୨୨ ତାରିଖ୍ ଦିନ ୱେଟିଂ ଲିଷ୍ଟ୍ ବାହାର୍‌ବା ଆର୍ ୨୩ ନୁ ୩୦ ତାରିଖ୍‌ତକ୍ ୱେଟିଂ ଲିଷ୍ଟ୍‌ଥି ନାଁ ଥିବା ଛାତ୍ରଛାତ୍ରୀଙ୍କର୍ ଖାଲିଥିବା ସିଟ୍ ଆଧାର୍‌ଥି ନାଁଲେଖାଯିବା । ନାଁଲେଖା ବାବଦ୍ ସବୁ ସୂଚ୍‌ନା ଓଏଭିର ୱେବ୍‌ସାଇଟ୍ www.oav.edu.in ଥି ମିଳିପାରୁଛେ ।

ପରିସଂଖ୍ୟାନ୍ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ସବୁଦିନିଆ ଜୀବନ୍‌ଥି ପରିସଂଖ୍ୟାନ - ଷ୍ଟାଟିଷ୍ଟିକ୍ସର ବେଭାର୍‌କେ ଲୋକପ୍ରିୟ କର୍‌ବାର୍ ଲାଗି ଫି ବଛର୍ ଆଝିର୍ ଦିନ୍‌କେ ଜାତୀୟ ପରିସଂଖ୍ୟାନ୍ ଦିବସ୍ ଭାବେ ଭାରତ୍ ସର୍‌କାର୍ ପାଲନ୍ କରୁଛନ୍ । ଜାତୀୟ ପରିସଂଖ୍ୟାନ ପଦ୍ଧତି ଲାଗି ପ୍ରଫେସର୍ ପ୍ରଶାନ୍ତଚନ୍ଦ୍ର ମହାଲୋନୋବିସ୍‌ଙ୍କର୍ ଖୋବ୍ ଅବଦାନ୍ ଥିବାର୍‌ନୁ ତାଙ୍କର୍ ଜନମ୍‌ଦିନ୍ ଜୁନ୍ ୨୯ ତାରିଖ୍‌କେ ୨୦୦୭ ମସିହାନୁ ଜାତୀୟ ପରିସଂଖ୍ୟାନ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇନ ଜନେଇ ଦିଆଯାଇପାରେ ଯେ, ଦେଶ୍ ଆର୍ ରାଜ୍ୟ ମାନ୍‌କର୍ ଯୋଜ୍‌ନା ତିଆର୍ ଆର୍ ଲାଗୁ କର୍‌ବାର୍ କ୍ଷେତ୍ରଥି ପରିସଂଖ୍ୟାନ୍‌ର ଭୂମିକା ରହିଛେ ।

ପାଣିପାଗ                    ଆର୍‌ଏନ୍‌ୟୁ / ସମ୍ବଲପୁର

ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଘୂର୍ଣ୍ଣିବଲୟର୍ ବଲେ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବର୍ଷା ହଉଛେ । ଭୁବ୍‌ନେଶ୍ୱର୍‌ର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍ ସଖାଲ୍‌ତକ୍ ସମ୍ବଲ୍‌ପୁର୍, ବର୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ଆର୍ ଦେବ୍‌ଗଡ଼୍ ସହେତେ ରାଜ୍ୟର୍ ୯ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ  ଜବର୍ ବର୍ଷା ହେଇପାରେ ।